# ୧

# ଭାରତରେ ବାଲ୍ୟ ବିବାହ

# ଭାରତରେ ବାଲ୍ୟ ବିବାହ
# ବାରମ୍ବାର ପଚରା ଯାଉଥିବା ପ୍ରଶ୍ନ

## ଉପକ୍ରମ

ବାଲ୍ୟ ବିବାହ ଏକ ସାମାଜିକ ଅପରାଧ ଯାହାକି ଭାରତରେ ବହୁ ପୂର୍ବରୁ ରହିଅଛି। ଶିଶୁର ସ୍ୱାସ୍ଥ୍ୟ, ଅଭିବୃଦ୍ଧି ଓ ବିକାଶ ଉପରେ ବାଲ୍ୟ ବିବାହ ନକରାତ୍ମକ ପ୍ରଭାବ ଦୀର୍ଘ ବର୍ଷରୁ ପ୍ରମାଣିତ ହୋଇସାରିଛି। ଯେଉଁଥି ପାଇଁ ଏହାକୁ ରୋକିବା ଅନିବାର୍ଯ୍ୟ ହୋଇପଡ଼ିଛି। ବାଲ୍ୟ ବିବାହ ବିରୁଦ୍ଧରେ ପ୍ରଥମ ଆଇନ ହେଉଛି "ବାଲ୍ୟ ବିବାହ ଅବରୋଧ ଆଇନ ୧୯୨୯" (ସି.ଏମ୍.ଆର୍.ଏ) ଯାହାକି ଶାରଦା ଆଇନ ଭାବେ ଜଣାଶୁଣା। "ବାଲ୍ୟ ବିବାହ ନିଷେଧ ଆଇନ ୨୦୦୬" (ପି.ସି.ଏମ୍.ଏ) ପରେ ବିବାହ ନିମନ୍ତେ ପୁରୁଷମାନଙ୍କ ପାଇଁ ଆଇନଗତ ବୟସ ୨୧ ବର୍ଷ ଓ ମହିଳାମାନଙ୍କ ପାଇଁ ୧୮ ବର୍ଷ ନିର୍ଦ୍ଧାରଣ କରି ପୂର୍ବ ଆଇନକୁ ପୁନଃସ୍ଥାପନ କରି ଅଧିନିୟମ କରାଯାଇଥିଲା। ଉକ୍ତ ନିର୍ଦ୍ଧାରିତ ବୟସ ଠାରୁ କମ୍ ବୟସରେ ହେଉଥିବା ବିବାହକୁ ବାଲ୍ୟ ବିବାହ ଭାବେ ବିବେଚନା କରାଯାଉଥିଲା।

ଏହି ଅଧ୍ୟୟନ ବାଲ୍ୟ ବିବାହ ସମ୍ବନ୍ଧୀୟ ବାରମ୍ବାର ପଚରାଯାଉଥିବା ବିଭିନ୍ନ ପ୍ରଶ୍ନାବଳୀର ଉତ୍ତର ଗୁଡ଼ିକୁ ରୂପରେଖ ଦେବା ସହିତ ଏ ବିଷୟରେ ଅଧିକ ତଥ୍ୟ ସଂଗ୍ରହ କରିବାକୁ ଇଚ୍ଛୁକମାନଙ୍କୁ ଆଦ୍ୟବିନ୍ଦୁ ଯୋଗାଇବା ଲକ୍ଷ୍ୟ ରଖେ। ଏହା ସ୍ୱତନ୍ତ୍ର ଭାବରେ ଭାରତରେ ବାଲ୍ୟ ବିବାହ ସମ୍ବନ୍ଧୀୟ ଆଇନଗତ ବ୍ୟବସ୍ଥା ବିଷୟରେ ଅତି ଜରୁରୀ ସୂଚନା ଉପରେ ଗୁରୁତ୍ୱାରୋପ କରେ।

## ବାରମ୍ବାର ପଚରା ଯାଉଥିବା ବିଭିନ୍ନ ପ୍ରଶ୍ନାବଳୀ

### ୧. ବାଲ୍ୟ ବିବାହର କାରଣଗୁଡ଼ିକ କଣ ?

ପ୍ରଚଳିତ ବାଲ୍ୟ ବିବାହ ଅର୍ଥନୈତିକ, ସାମଜିକ, ସାଂସ୍କୃତିକ ଏବଂ ଧର୍ମଗତ ବିଷୟଗୁଡ଼ିକର ସଂଯୋଗର ଫଳ ଅଟେ।

### ଶିକ୍ଷା ଓ ଜାଗରଣର ଅଭାବ

ବାଲ୍ୟ ବିବାହ ବିବାହର କ୍ଷତିକାରକ ପରିଣାମ ଏବଂ ଶିଶୁମାନଙ୍କର ଅଧିକାର ଉପଭୋଗ ଉପରେ କୁପ୍ରଭାବ ବିଷୟରେ ଜାଗରଣର ଅଭାବର ଫଳ ସ୍ୱରୂପ ବାଲ୍ୟ ବିବାହ ମାମଲାଗୁଡ଼ିକର ବୃଦ୍ଧି ଘଟିଛି।

### (କ) ଶିକ୍ଷାର ଅଭାବ କିପରି ଭାରତରେ ବାଲ୍ୟ ବିବାହକୁ ବଢାଇଥାଏ ?

ନିରକ୍ଷରତା ଯୋଗୁଁ ଲୋକମାନେ, ବାଲ୍ୟ ବିବାହ ଫଳରେ କ୍ଷତିକୁ ଜାଣିପାରନ୍ତି ନାହିଁ। ଶୀଘ୍ର ବିବାହ, ଶୀଘ୍ର ଗର୍ଭଧାରଣ କରାଏ ଯାହାକି ଉଭୟ ମା' ଓ ନବଜାତକର ସ୍ୱାସ୍ଥ୍ୟ ଉପରେ ଖରାପ ପ୍ରଭାବ ପକାଏ। କନ୍ୟା ଶିଶୁମାନଙ୍କର ଶିକ୍ଷା ଓ ଅନ୍ୟାନ୍ୟ ବୃଦ୍ଧିର ସୁଯୋଗକୁ ରୋକାଯାଏ ଏବଂ ଶିକ୍ଷାର ଅଭାବ ହିଁ ଅଜ୍ଞାନତାର ଚକ୍ରକୁ ବଳବତ୍ତର କରେ। ବାଲ୍ୟ ବିବାହର ସାଂସ୍କୃତିକ ଓ ସାମାଜିକ ଗ୍ରହଣୀୟତା ସମସ୍ୟାକୁ ଜଟିଳ କରିଦିଏ। ଦେଖାଯାଇଛି ଯେ ଯେଉଁ ଅଂଚଳରେ ନିରକ୍ଷରତା ଅଧିକ ସେଠାରେ ଅଧିକ ବାଲ୍ୟ ବିବାହ ହୋଇଥାଏ।

### (ଖ) ଭାରତରେ ବାଲ୍ୟ ବିବାହ ବିରୁଦ୍ଧରେ ଏକ ଆଇନ ଅଛି କି ? ଜନସାଧାରଣ ଉକ୍ତ ଆଇନ ବିଷୟରେ ଜାଣନ୍ତି କି ?

ହଁ, ସରକାର ୨୦୦୬ ମସିହାରେ ବାଲ୍ୟ ବିବାହ ନିଷେଧ ଆଇନ ପାରିତ କରାଇଛନ୍ତି କିନ୍ତୁ ଦେଖାଯାଇଛି ଯେ ଅଧିକାଂଶ ଜନସାଧାରଣ ଜାଣନ୍ତି ନାହିଁ ଯେ ବାଲ୍ୟ ବିବାହ ପ୍ରତିରୋଧ କରିବାକୁ ଲକ୍ଷ୍ୟରଖି ଗୋଟିଏ ଆଇନ ଅଛି। ବାଲ୍ୟ ବିବାହକୁ ପ୍ରୋତ୍ସାହିତ କରିବା ନିମନ୍ତେ ଦଣ୍ଡ ଏବଂ ବାଲ୍ୟ ବିବାହ ପ୍ରତିରୋଧ କରିବାକୁ ପଦକ୍ଷେପ ନିଆଯାଇ ପାରିବା ବିଷୟରେ ସଚେତନତା ଅଭାବ ରହିଛି।

### (ଗ) କନ୍ୟା ଶିଶୁକୁ ଶିକ୍ଷିତ କରାଇବାରେ ପିତାମାତାଙ୍କ ଦ୍ୱାରା କି ଗୁରୁତ୍ୱ ପ୍ରଦାନ କରାଯାଇଛି ?

ଯେହେତୁ କନ୍ୟା ଶିଶୁମାନଙ୍କର ଘରେ ହିଁ ମୁଖ୍ୟ କାର୍ଯ୍ୟ ଯଥା ସଫା କରିବା, ରୋଷେଇ କରିବା ପଶୁମାନଙ୍କର ଯତ୍ନ ନେବା ଏବଂ ଘରର ଅନ୍ୟାନ୍ୟ କାର୍ଯ୍ୟ ସମ୍ଭାଳିବା ବୋଲି ବିବେଚନା କରାଯାଏ, ସେମାନଙ୍କର ଶିକ୍ଷା ବ୍ୟବସ୍ଥା ପ୍ରତି କୌଣସି ଗୁରୁତ୍ୱ ନିଆଯାଇନଥାଏ। ଅଧିକାଂଶ ଲୋକ କନ୍ୟା ସନ୍ତାନଙ୍କୁ ପାଠ ପଢାଇବାକୁ ଚାହାଁନ୍ତି ନାହିଁ କାରଣ ସେମାନେ ଧରି ନେଇଥାନ୍ତି ଯେ ଯେହେତୁ ଝିଅ ବିବାହ କରି ସ୍ୱାମୀ ଘରକୁ ଯିବ, ତାର ଶିକ୍ଷା ଦରକାର ନାହିଁ। ଏହାହିଁ ଦେଶର ଅଶିକ୍ଷିତ କନ୍ୟା ବୃଦ୍ଧିର କାରଣ ଯେଉଁମାନେ କି ବଞ୍ଚିବା ପାଇଁ କାମ କରିବାକୁ ଅସମର୍ଥ ଏବଂ ପିତାମାତାଙ୍କ ଉପରେ ବୋଝ ବୋଲି ବିବେଚିତ ହୁଅନ୍ତି।

## ଅର୍ଥନୈତିକ କାରଣ /ବିଷୟ

କେତେ ସଂଖ୍ୟକ ମାମଲାରେ ସମ୍ବଳର ଅଭାବ ଓ ଦାରିଦ୍ର୍ୟର ଫଳସ୍ୱରୂପ ପିଲାମାନେ, ବିଶେଷ କରି କନ୍ୟା ସନ୍ତାନମାନେ ବହୁ ଶୀଘ୍ର ବିବାହ କରୁଛନ୍ତି ଯଦ୍ୱାରା ସେମାନଙ୍କର ପରିବାର ମଧ୍ୟ ଟଙ୍କା ପଇସା ଓ ସାମାଜିକ ପଦମର୍ଯ୍ୟାଦା ଭଳି ଫାଇଦା ପାଇଥାଆନ୍ତି। ତେଣୁ ସେମାନେ ସର୍ବଦା ସେମାନଙ୍କର ପିଲାମାନଙ୍କର ଶୀଘ୍ର ବିବାହ ପାଇଁ ଆଗ୍ରହୀ ହୁଅନ୍ତି।

### (କ) ଟଙ୍କା ପଇସା ଓ ଅନ୍ୟ ସମ୍ବଳର ଅଭାବ କିପରି ବାଲ୍ୟ ବିବାହକୁ ଆଗେଇନିଏ ?

ବାଳିକାମାନେ ପରିବାର ଉପରେ ବୋଝ ହୁଅନ୍ତି ବୋଲି ସାମାଜିକ ଉପଲବ୍ଧି କରାଯାଉଥିବାରୁ ସେମାନଙ୍କର ବିବାହ ଶୀଘ୍ର କରାଯାଇଥାଏ। ଯାହାଦ୍ୱାରା ଗୋଟିଏ ପରିବାରରେ ଆର୍ଥିକ ବାଧ୍ୟବାଧକତାରେ ଗୋଟିଏ ପାଟିକୁ ଦାନା ଦେବାରୁ କମିଯାଏ। ପିତାମାତା ମଧ୍ୟ ଅନୁଭବ କରନ୍ତି ଯେ ଏକ ଧନୀ ଘରେ ବିବାହ କଲେ ତାଙ୍କ କନ୍ୟାକୁ ସବୁ ଜିନିଷ ଓ ସୁବିଧା ଭଲରେ ଯୋଗାଇ ଦିଆଯିବ।

### (ଖ) କନ୍ୟାଦାମ୍ ମାନେ କଣ ?

କେତେକ ସଂସ୍କୃତିରେ ବରର ପିତାମାତା କନ୍ୟା ପାଇଁ କିଛି ଟଙ୍କା ପଇସା ଦିଅନ୍ତି। କମ୍ ବୟସ୍କ କନ୍ୟାଙ୍କ ପାଇଁ କନ୍ୟା ଦାମ୍ ଅଧିକ ହୋଇଥିବାବେଳେ କନ୍ୟାଟି ଅଧିକ ବୟସ୍କ ହୋଇଥିଲେ ତାହା କମିଯାଇଥାଏ। ଏହା ପିତାମାତାଙ୍କୁ ଉତ୍ସାହିତ କରିଥାଏ। ସେମାନଙ୍କର କନ୍ୟା ସନ୍ତାନଙ୍କୁ ଯେତେ ଶୀଘ୍ର ସମ୍ଭବ ବିବାହ ଦେଇଥାଆନ୍ତି କାରଣ କିଛି ପଇସା ବଞ୍ଚିପାରିବ ଓ ତାହା ପରିବାରର ଖର୍ଚ୍ଚ ଓ ଦରକାର ବେଳେ ସାହାଯ୍ୟ କରିବ।

### (ଗ) ଯୌତୁକ କିପରି ବାଲ୍ୟବିବାହକୁ ପ୍ରୋତ୍ସାହିତ କରେ ?

ନଗଦ ଆକାରରେ ଅର୍ଥ କିମ୍ବା ଅନ୍ୟ ପ୍ରକାରର କୌଣସି ଉପହାରକୁ ଯୌତୁକ ଆଖ୍ୟା ଦିଆଯାଏ ଯାହାକି କନ୍ୟାର ପରିବାର ସେ ବିବାହ କରୁଥିବା ବର ପରିବାରଙ୍କୁ ଦେଇଥାଏ। ଯଦିଓ ଯୌତୁକ ବେଆଇନ ଏବଂ ଯୌତୁକ ଦାବି ପାଇଁ ଆଇନ ଗତ ଦଣ୍ଡ ବିଧାନ ରହିଛି, ତଥାପି ସମାଜର ଅଧିକାଂଶ ଗୋଷ୍ଠୀ ଯୌତୁକ ଗ୍ରହଣ କରୁଥିବାରୁ ଏହା ଚାଲୁ ରହିଛି। ସାଧାରଣ ଭାବରେ କନ୍ୟାର ବୟସ ବଢିବା ସଂଗେ ସଂଗେ ଯୌତୁକର ମାତ୍ରା ବଢିଥାଏ। ଏହାର କାରଣ ଯଦି କନ୍ୟାଟି ଅଧିକ

ବୟସ୍କ, ବିବାହ ପାଇଁ ସେ ଅଧିକ ବୟସ୍କ ଓ ଅଧିକ ଶିକ୍ଷିତ ପୁରୁଷ ଦରକାର କରେ। ବର ଓ ତାର ପରିବାର ଅଧିକ ଯୌତୁକ ଦାବି କରିବାରୁ ପ୍ରବୃତ୍ତ ହୁଅନ୍ତି। ତେଣୁ ଅତ୍ୟଧିକ ଯୌତୁକ ଦାବିକୁ ଏଡାଇବା ପାଇଁ ପରିବାର ଲୋକେ କନ୍ୟା ସନ୍ତାନକୁ ଶୀଘ୍ର ବିବାହ କରାଇବାକୁ ପସନ୍ଦ କରନ୍ତି।

## ଧାର୍ମିକ ଓ ସାଂସ୍କୃତିକ ଅନୁମୋଦନ

ଭାରତରେ, ବିବାହ, ଛାଡପତ୍ର, ଅଭିରକ୍ଷା, ଭରଣପୋଷଣ ଓ ଉତ୍ତରାଧିକାରୀର ବ୍ୟକ୍ତିଗତ ଆଇନ ଧାର୍ମିକ ଭିତ୍ତିଭୂମି ଉପରେ ଆଧାରିତ। ନିର୍ଦ୍ଦିଷ୍ଟ କେତେକ ବ୍ୟକ୍ତିଗତ ଆଇନରେ ବାଲ୍ୟ ବିବାହ ବୈଧ। ପ୍ରଥମ ହିନ୍ଦୁ ବିବାହ ଆଇନ ୧୯୫୫ରେ ଏକ ବାଲ୍ୟ ବିବାହ ଅସିଦ୍ଧ ନୁହେଁ କିମ୍ବା ଅସିଦ୍ଧ ଯୋଗ୍ୟ ନୁହେଁ। କେବଳ ଅତିବେଶୀରେ ଦୁଇ ବର୍ଷ କାରାବାସ କିମ୍ବା ଏକ ଲକ୍ଷ ଟଙ୍କାର ଜୋରିମାନା କିମ୍ବା ଉଭୟ ଦଣ୍ଡ ଦିଆଯାଏ। ମୁସଲମାନମାନଙ୍କ ବ୍ୟକ୍ତିଗତ ଆଇନ ଅନୁସାରେ ଜଣେ ବ୍ୟକ୍ତି ବିବାହ ପାଇଁ ଯୋଗ୍ୟ ହୁଏ ଯିଏ ଯୌବନାରମ୍ଭ କରିସାରିଛନ୍ତି ଯାହାକି ୧୫ ବର୍ଷ ପୂରଣ ପରେ ହୋଇଥାଏ ବୋଲି କୁହାଯାଏ। ଏହା ବ୍ୟତୀତ ବ୍ୟକ୍ତିଗତ ଆଇନରେ ଅନୁମୋଦନ, ସାମାଜିକ ଓ ସାଂସ୍କୃତିକ ବ୍ୟବସ୍ଥା ମଧ୍ୟ ଏକ ପରିବେଶ ସୃଷ୍ଟି କରେ ଯେଉଁଠାରେ ବାଲ୍ୟ ବିବାହ ଏକ ଭୁଲ କିମ୍ବା ଦୋଷ ବୋଲି ବିବେଚନା କରାଯାଏ ନାହିଁ।

### (କ) ଭାରତରେ ପରମ୍ପରା କିପରି ବିଭିନ୍ନ ଗୋଷ୍ଠୀମାନଙ୍କ ମଧ୍ୟରେ ପରମ୍ପରା ବାଲ୍ୟ ବିବାହକୁ ପ୍ରୋତ୍ସାହିତ କରେ ?

ଯଦି କନ୍ୟା ସନ୍ତାନ ଶୀଘ୍ର ବିବାହ କରେ ଏହା କନ୍ୟା ଓ ତାର ପରିବାର ପାଇଁ ଭଲ ବୋଲି କେତେକ ଗୋଷ୍ଠୀ ଭାବନ୍ତି। ତାହା କରିବା ପାଇଁ ଗୋଷ୍ଠୀ ତରଫରୁ ପିତାମାତାଙ୍କ ଉପରେ ପ୍ରବଳ ଚାପ ପଡେ। ଯଦି ପିତାମାତା ଗୋଷ୍ଠୀର ପ୍ରଥାକୁ ମାନନ୍ତି ନାହିଁ, ବୃହତ ଗୋଷ୍ଠୀ ଦ୍ୱାରା ପିତାମାତାଙ୍କ ବିରୁଦ୍ଧରେ ପ୍ରଶ୍ନ ଉଠେ ଯାହାକି ସେମାନଙ୍କୁ ଏକାକି କରିଦିଏ କିମ୍ବା କନ୍ୟାର ଚରିତ୍ର ଉପରେ ପ୍ରଶ୍ନ ଉଠେ।

କର୍ଣ୍ଣାଟକ ରାଜ୍ୟର ଚାମରାଜନଗର ଜିଲ୍ଲାର ଉପବର୍ଗ ଜନସାଧାରଣଙ୍କ ଚିନ୍ତାଧାରା ଯେ, ଝିଅମାନଙ୍କୁ ୧୮ ବର୍ଷରୁ ଅଧିକ ହୋଇଗଲେ ସେମାନଙ୍କ ବିବାହ ହୋଇପାରିବ ନାହିଁ, ତେଣୁ ସେମାନେ ସେମାନଙ୍କ ଝିଅର ବିବାହ ୧୮ ବୟସ ପୂର୍ବରୁ କରିବାକୁ ଚେଷ୍ଟା କରିଥାନ୍ତି। ଗତ ୨୦୦୬ ମସିହାରେ ଏହାକୁ ୫୮ ଜଣ ଅନୁକରଣ କରିଥିବାବେଳେ ୨୦୦୭ରେ ୭୭ ଜଣ, ୨୦୦୮ ଏବଂ ୨୦୦୯ରେ ୬୧ ଜଣ ଅନୁକରଣ କରିଛନ୍ତି। ଯଦିଓ ସର୍ବମୋଟ ବିବାହ ସଂଖ୍ୟାରେ ଏହା କମ୍ ଆସିଛି, ତଥାପି ଉପବର୍ଗର ବହୁତ ଲୋକ ତାଙ୍କର ପ୍ରଥା ଓ ବିଶ୍ୱାସକୁ ବଜାୟ ରଖି ବାଲ୍ୟ ବିବାହ ଜାରି ରଖିଛନ୍ତି। (ଉତ୍ସ-କୋର କମିଟି ରିପୋର୍ଟ -କର୍ଣ୍ଣାଟକରେ ବାଲ୍ୟ ବିବାହ ବନ୍ଦ।)

### (ଖ) ଭାରତରେ କେଉଁ ପ୍ରକାର ସାମାଜିକ ପ୍ରଥା ଓ ବିଶ୍ୱାସ ବାଲ୍ୟ ବିବାହ ନିମନ୍ତେ ଫଳପ୍ରଦ ଅଟେ ?

ସମାଜରେ ବହୁତଗୁଡ଼ିଏ ପ୍ରଥା ବାଲ୍ୟ ବିବାହକୁ ଅନୁସରଣ କରିଥାଏ ତନ୍ମଧ୍ୟରୁ କେତୋଟି ତାଲିକା ନିମ୍ନରେ ପ୍ରଦତ୍ତ କରାଗଲା।

(୧) ଏହା ବହୁଳ ଭାବେ ବିଶ୍ୱାସ ଯେ ଅଳ୍ପ ବୟସରେ ବିବାହ ହୋଇଯିବା ଦ୍ୱାରା ଝିଅମାନଙ୍କୁ ଯୌନ ସଂପର୍କ କିମ୍ବା ଶୋଷଣରୁ ନିବୃତ୍ତ ରଖାଯାଇପାରିବ। ଯଦି ଗୋଟିଏ ଝିଅ ବିବାହ ପୂର୍ବରୁ କାହା ସହ ଯୌନ ସଂପର୍କ ରଖୁଥିବା କଥା ଜଣାପଡ଼େ ତେବେ ଏହା ସଂପୂର୍ଣ୍ଣ ପରିବାର ପାଇଁ ଲଜ୍ଜ୍ୟାଜନକ ବିଷୟ। ଯଦି ଏଭଳି କୌଣସି ଘଟଣା ଘଟେ ତେବେ ଏହା ପରିବାରର ମାନ ଏବଂ ବିବାହ ସଂପନ୍ନ ଉପରେ ପ୍ରଭାବ ପକାଏ ଯାହାକୁ ଭାରତୀୟ ସମାଜରେ ଯଥେଷ୍ଟ ଗୁରୁତ୍ୱ ଦିଆଯାଇଥାଏ।

(୨) ପ୍ରାୟତଃ ଅଧିକ ପିତାମାତା ସେମାନଙ୍କ ଝିଅର ବାହାଘରକୁ ଏକ ବଡ଼ଧରଣର ସମସ୍ୟା ଭାବେ ବିଚାର କରିଥାନ୍ତି। ସେମାନେ ସେମାନଙ୍କର ଝିଅର ବାହାଘର କରି ଏହି ସମସ୍ୟାରୁ ନିବୃତ୍ତ ହେବାକୁ ଚାହାଁନ୍ତି। ଏହି ପ୍ରଥା ସାଧାରଣତଃ ଶ୍ରମିକ ଶ୍ରେଣୀର ଲୋକମାନଙ୍କଠାରେ ଦେଖାଯାଏ, ଯେଉଁମାନେ ଘରଛାଡ଼ି ବାହାରକୁ କାମ କରିବା ନିମନ୍ତେ ଯାଆନ୍ତି। ସେମାନେ ବାହାରକୁ ଯିବା ପୂର୍ବରୁ ସେମାନଙ୍କ ଶିଶୁକନ୍ୟାର ବିବାହ କରିଦେଇ ବୋଝରୁ ମୁକ୍ତ ହେବା ନିମନ୍ତେ ଚାହାଁନ୍ତି।

(୩) ବିବାହ ବନ୍ଧନ ଦ୍ୱାରା ଝିଅଟିଏ ଆର୍ଥିକ ତଥା ଶାରୀରିକ ସୁରକ୍ଷା ପାଉଥିବା ବିଚାର କରାଯାଏ।

(୪) କାଳେ ତାଙ୍କ ଝିଅ ଅନ୍ୟ ଜାତିରେ ବିବାହ ତଥା ପ୍ରେମ ବିବାହ କରିନେବ ଯାହାକୁ ଜାତି ସମାଜ କିମ୍ବା ପରିବାର ଲୋକେ ଗ୍ରହଣ କରିବେନି ଏ ସବୁ ରୋକିବା ନିମନ୍ତେ ବାପା, ମା ମାନେ ଝିଅର ବିବାହର ଅଳ୍ପ ବୟସରେ କରିଥାନ୍ତି।

## ୨) ବାଲ୍ୟ ବିବାହର ବିକଳ୍ପ କଣ ? ଏହା ଦ୍ୱାରା ବାଲ୍ୟ ବିବାହକୁ କମାଇ ଦିଆଯାଇ ପାରିବ କି ?

ଭାରତରେ ପ୍ରତି ରାଜ୍ୟର ସବୁଯାଗାରେ ସ୍କୁଲ, କଲେଜ ଉପଲବ୍ଧ ନଥାଏ। ବିକଳ୍ପ ଭାବେ ଧନ୍ଦାମୂଳକ କାର୍ଯ୍ୟକ୍ରମ କିମ୍ବା ତାଲିମର ମଧ୍ୟ ବହୁଳ ଭାବେ ଉପଲବ୍ଧି ନାହିଁ। ଶିକ୍ଷାଗତ ସମସ୍ୟା, ସୁବିଧା ମଧ୍ୟ ଏହାର ଅନ୍ୟ ଏକ କାରଣ ଉଦାହରଣ ସ୍ୱରୂପ କେତେକ ସ୍ଥାନ /ଜାତିରେ ଝିଅମାନେ ଏକ ନିର୍ଦ୍ଦିଷ୍ଟ ବୟସରେ ପହଞ୍ଚିଲେ ସେମାନଙ୍କୁ ଉଚ୍ଚଶିକ୍ଷା କିମ୍ବା ଚାକିରି କରିବାରୁ ନିବୃତ୍ତ ରଖାଯାଇ ଘରକରଣା କାମରେ ଲଗାଯାଏ। ଏପରିକି ଯେଉଁମାନେ ସ୍କୁଲକୁ ଯିବାକୁ ଚାହାଁନ୍ତି ସ୍କୁଲର ସୁବିଧାନଥିବାରୁଏବଂସ୍କୁଲଟିବହୁଦୂରରେଅବସ୍ଥାପିତହୋଇଥିବାରୁସେମାନେଏଥିରୁନିବୃତରହିଥାନ୍ତି।ସେମାନଙ୍କସୁରକ୍ଷା ଦୃଷ୍ଟିରୁ ପିତାମାତାମାନେ ତାଙ୍କର ବିବାହ କମ୍ ବୟସରେ କରି ଦେଇଥାନ୍ତି।

## ୩. ଭାରତରେ ବାଲ୍ୟ ବିବାହ ସଂଖ୍ୟା ଉପରେ ସରକାରୀ କାର୍ଯ୍ୟକ୍ରମର ପ୍ରଭାବ

ସରକାରଙ୍କ ତରଫରୁ ବାଲ୍ୟ ବିବାହ ବିରୁଦ୍ଧରେ କୌଣସି ଆଇନ୍ ନିର୍ଦ୍ଦିଷ୍ଟ ଭାବେ ପ୍ରଣୟନ କରାଯାଇନାହିଁ। ଅନେକ ବ୍ୟକ୍ତି ଆଇନ୍‌କୁ ଅବମାନନା କରି ଦଣ୍ଡ ନ ପାଇବାରୁ ଆଇନ୍‌କୁ ବେଖାତିର କରୁଛନ୍ତି ଯଦ୍ଦ୍ୱାରା ବାଲ୍ୟ ବିବାହ ବ୍ୟାପକ ଭାବେ ଚାଲୁ ରହିଛି।

## ୪. ଭାରତରେ ପୁଅ ଏବଂ ଝିଅଙ୍କ ସଂଖ୍ୟାରେ ତଫାତ୍ ବାଲ୍ୟ ବିବାହକୁ ପ୍ରୋତ୍ସାହନ ଦେଉଛି କି ?

ଭାରତରେ ପୁଅମାନଙ୍କ ତୁଳନାରେ ଝିଅମାନଙ୍କ ସଂଖ୍ୟା ବହୁତ କମ୍ ଅଟେ। ପୁଅ ଝିଅଙ୍କ ସଂଖ୍ୟାର ତଫାତ୍ ଯୋଗୁଁ ପୁଅର ବାପା, ମା'ମାନେ ଗୋଟିଏ ଭଲ ଝିଅ ତାଙ୍କ ପୁଅ ପାଇଁ ପାଇଗଲେ ସେମାନେ ଯଥାଶୀଘ୍ର ତାଙ୍କ ପୁଅର ବିବାହ ନିମନ୍ତେ ଝିଅର ବାପାକୁ ରାଜି କରିବା ନିମନ୍ତେ ଚାପ ପ୍ରୟୋଗ କରନ୍ତି।

ଉତ୍ତର ଗୁଜୁରାଟରେ ପ୍ରତି ହଜାର ପୁଅରେ ୭୯୮ ଜଣ ଝିଅ ଅଛନ୍ତି। ଏହି ସ୍ୱଳ୍ପତା କାରଣରୁ ପୁଅର ବାପା ମା'ମାନେ ତାଙ୍କ ପୁଅର ବିବାହ ଯଥାଶୀଘ୍ର କରାଇ ନେବାକୁ ଚାହାଁନ୍ତି। ଗୁଜୁରାଟରେ ପୁଅମାନଙ୍କ ବିବାହ ପାଇଁ ମଧ୍ୟ ଅନ୍ୟ ରାଜ୍ୟରୁ ଝିଅମାନଙ୍କୁ ଅଣାଯାଇଥାଏ। (କୋର୍ କମିଟି ରିପୋର୍ଟ ୨୦୧୧)

## ୫. ବାଲ୍ୟ ବିବାହର ଫଳାଫଳ କଣ ?

ବାଲ୍ୟ ବିବାହ ଦ୍ୱାରା ସାଧାରଣତଃ ଝିଅମାନେ ତାଙ୍କ ବାଲ୍ୟ ଖେଳରୁ ବଞ୍ଚିତ ହୋଇଥାନ୍ତି। ଏତଦ୍ ବ୍ୟତୀତ ଝିଅ ମାନେ କମ୍ ବୟସରେ ଗର୍ଭଧାରଣ ଦ୍ୱାରା ସେମାନଙ୍କ ସ୍ୱାସ୍ଥ୍ୟହାନି ଘଟିବା ସହ ସେମାନଙ୍କ ମାନସିକ ତଥା ଶାରୀରିକ ପକ୍ୱତା ଘଟିନଥାଏ। କମ୍ ବୟସରେ ଗର୍ଭଧାରଣ ଦ୍ୱାରା ପ୍ରସବ ବେଳେ ମୃତ୍ୟୁ ମୁଖରେ ପଡ଼ିଥାନ୍ତି। ଏହାର ପ୍ରଭାବ ମଧ୍ୟ ଅର୍ଥନୀତି ଉପରେ ପଡ଼ିଥାଏ।

ବାଲ୍ୟ ବିବାହର କେତେକ କୁପ୍ରଭାବ ନିମ୍ନରେ ପ୍ରଦାନ କରାଗଲା:-

## ଶିଶୁଟିର ଶାରୀରିକ ଅବନତି

### (କ) ବାଲ୍ୟ ବିବାହ ଦ୍ୱାରା ଶିଶୁର ପାଠପଢା ଉପରେ କିପରି ପ୍ରଭାବ ପକାଇଥାଏ ?

ବାଲ୍ୟ ବିବାହ ଦ୍ୱାରା ବାଳିକାଟି ତାର ପାଠପଢାରୁ ନିବୃତ୍ତ ରହିଥାଏ କାରଣ ତାକୁ ଘରର କାମଦାମ କରିବାକୁ ପଡ଼ିଥାଏ ଯଦ୍ୱରା ତାର ପାଠପଢା ଅଧିକାର କ୍ଷୁର୍ଣ୍ଣ ହୁଏ। ଯଦି ବି ତାକୁ ପାଠ ପଢିବାକୁ ସୁଯୋଗ ଦିଆଯାଏ ତଥାପି ବିବାହ ପର ବିଭିନ୍ନ ଦାୟିତ୍ୱ ତାର ପାଠ ପଢିବାରେ ପ୍ରତିବନ୍ଧକ ସାଜିଥାଏ। ତନ୍ମଧ୍ୟରୁ ବିବାହ ପରେ ଯଥାଶୀଘ୍ର ଗୋଟିଏ ଶିଶୁ ଜନ୍ମଦେବା ମଧ୍ୟ ଏକ ଦାୟିତ୍ୱ ହୋଇଥାଏ। ତେଣୁ ତାର ପାଠପଢା ପାଇଁ ଅଯଥାରେ ପଇସା ଖର୍ଚ୍ଚ ହୁଏ ବୋଲି ବିବେଚନା କରାଯାଇଥାଏ। ପାଠ ପଢାରୁ ବଞ୍ଚିତ ହେଉଥିବାରୁ ସେ ତାର ଆଇନଗତ ଅଧିକାର ବିଷୟରେ ଠିକ୍ ଭାବେ ଜାଣିନଥାଏ।

### (ଖ) ବାଲ୍ୟ ବିବାହ ଚାକିରୀ କ୍ଷେତ୍ରରେ ଏବଂ ଆୟ ଉପରେ କିପରି ପ୍ରଭାବ ପକାଏ ?

କମ୍ ପାଠପଢିଥିବା ଯୋଗୁଁ କନ୍ୟାଟି ତାର ଭବିଷ୍ୟତ ଗଢିପାରେ ନାହିଁ ଏବଂ ଚାକିରୀଟିଏ ପାଇପାରେ ନାହିଁ।

### (ଗ) ବିବାହ ଯୋଗୁଁ ଏକ ଯୁବକ /ଯୁବତୀର ବ୍ୟକ୍ତିତ୍ୱ କିପରି ପ୍ରଭାବିତ ହୋଇଥାଏ ?

ଶିକ୍ଷା ଓ ନିଯୁକ୍ତି ସୁଯୋଗର ଅଭାବ ତଥା ବ୍ୟକ୍ତିଗତ ଭାବେ ସମାଜରେ ସହଯୋଗ ଅଭାବରୁ ଶିଶୁର ଦୁର୍ବଳ ବ୍ୟକ୍ତିତ୍ୱ ଏବଂ ବୌଦ୍ଧିକ ଉନ୍ନତି ପ୍ରଭାବିତ ହୁଏ। ତେଣୁ ଶିଶୁଟି ତାର ଶ୍ରେଷ୍ଠତ୍ୱ ପ୍ରତିପାଦନ କରିପାରେ ନାହିଁ।

## (୧) ବାଲ୍ୟ ବିବାହ ସହିତ ସଂପୃକ୍ତ ବିପଦ

### (କ) ବାଲ୍ୟ ବିବାହ କିପରି ବାଳିକା ଓ ଶିଶୁର ଶାରୀରିକ ଉତ୍ପାଦକ କ୍ଷମତାକୁ ପ୍ରଭାବିତ କରେ ?

ପ୍ରାଥମିକ ଜୀବନରେ ଶିଶୁ ଜନ୍ମ ଦେବା ଏବଂ ବାରମ୍ୱାର ଗର୍ଭଧାରଣ ଯୋଗୁଁ ମା ଓ ଶିଶୁର ସ୍ୱାସ୍ଥ୍ୟ ପ୍ରଭାବିତ ହୋଇଥାଏ। ୨୦ ବର୍ଷରୁ କମ୍ ମାଆ ମାନଙ୍କର ଶିଶୁ ମୃତ୍ୟୁ ସଂଖ୍ୟାର ବିପଦ ବୟସ୍କା ମାଆମାନଙ୍କର ଶିଶୁ ମୃତ୍ୟୁ ସଂଖ୍ୟାଠାରୁ ଅଧିକ।

### (ଖ) ବାଲ୍ୟ ବିବାହ ଯୋଗୁଁ ଶିଶୁ ଜନ୍ମ ବେଳେ ମାତାଙ୍କର ମୃତ୍ୟୁର ସମ୍ଭାବନା ଅଧିକ ଥାଏ କି ?

ହଁ, ଏହା ହୋଇଥାଏ। ମାତୃତ୍ୱ ନିମନ୍ତେ ଶରୀର ପୂର୍ଣ୍ଣ ବିକଶିତ ହେବା ପୂର୍ବରୁ ଶିଶୁ ଜନ୍ମ ଦେବା ଯୋଗୁଁ ମାଆର ଜୀବନକୁ ବିପଦ ଥାଏ। ୧୦-୧୪ ବର୍ଷ ମଧ୍ୟରେ ମାତୃତ୍ୱ ଏବଂ ଗର୍ଭଧାରଣ ୨୦-୨୪ ବର୍ଷ ମଧ୍ୟରେ ମାତୃତ୍ୱ ଓ ଗର୍ଭଧାରଣ ବେଳେ ମୃତ୍ୟୁ ସଂଖ୍ୟା ୫ ଗୁଣ ଅଧିକ ହୋଇଥାଏ।

### (ଗ) କମ୍ ବୟସରେ ବିବାହ ଯୋଗୁଁ ଶିଶୁର ମାନସିକ ସ୍ୱାସ୍ଥ୍ୟ ଉପରେ କି ପ୍ରଭାବ ପକାଏ ?

ଉଭୟ ବାଳକ ଓ ବାଳିକା ଶିଶୁର ଆବେଗିକ ଓ ଶାରୀରିକ ଆବଶ୍ୟକତାର ଦାୟିତ୍ୱ ନେବା ଆବଶ୍ୟକ। ଏକ (ଯୁବତୀ) ମାଆର ସାଧାରଣତଃ କର୍ତ୍ତବ୍ୟ ବାପା ଠାରୁ ଅଧିକ। ଯେତେବେଳେ ଉଭୟ ପିତାମାତା ଶାରୀରିକ ଭାବେ ଅକ୍ଷମ, ଏହା ହିଁ ଘଟିଥାଏ। ସେମାନଙ୍କର ଏକ ଶିଶୁକୁ ପାଳନ କରିବା ନିମନ୍ତେ ମାନସିକ ବିକାଶ ହୋଇନଥାଏ। ଯାହାକି ସେମାନଙ୍କୁ ଅନେକ ମାନସିକ ଆଘାତ ହୋଇଥାଏ।

### (ଘ) ବାଲ୍ୟ ବିବାହ କିପରି ବାଳିକାକୁ ଯୌନ ବିପଦକୁ ଠେଲି ଦିଏ ?

ବାଲ୍ୟ ବିବାହ ଏକ ପ୍ରକାର ଯୌନ ଶୋଷଣ। ଏକ ଶିଶୁର ଯୌନ ସମ୍ଭୋଗ ନିମନ୍ତେ ବେଶୀ ଜ୍ଞାନ ନଥାଏ। ଏହା ଏକ ବାଳିକା ନିମନ୍ତେ ଅତ୍ୟଧିକ ଅନିଚ୍ଛାକୃତ ଗର୍ଭଧାରଣ ଏବଂ ରୋଗ ନିମନ୍ତେ ବିପଦ ଡ଼ାକିଆଣେ, ଯାହା ଯୌନ ସମ୍ଭୋଗ ଯୋଗୁଁ ବ୍ୟାପିଥାଏ। ଏଠାରେ ଅସୁରକ୍ଷିତ ଯୌନ ସଂପର୍କର ସମ୍ଭାବନା ଅଧିକ ଥାଏ ଏବଂ ବାଳିକାମାନଙ୍କର

ଏ ସଂପର୍କରେ ଜ୍ଞାନ ନଥାଏ ଏବଂ ସେମାନେ ମଧ୍ୟ ସେମାନଙ୍କର ସ୍ୱାମୀଙ୍କ ସହିତ ସୁରକ୍ଷିତ ଯୌନ ସଂପର୍କ ନିମନ୍ତେ ଦାବି କରିବା ଅବସ୍ଥାରେ ନଥାନ୍ତି, ଯିଏ କି ସେମାନଙ୍କୁ ଶୁଣି ନଥାନ୍ତି।

## (ଙ) ବାଲ୍ୟ ବିବାହ ଯୋଗୁଁ ଜନ୍ମିତ ଶିଶୁର ଦୁର୍ବଳ ସ୍ୱାସ୍ଥ୍ୟ ଏବଂ ମୃତ୍ୟୁ ବୃଦ୍ଧି ପାଏ କି ?

ହଁ, ଏହା ଘଟିଥାଏ। ଏକ ବାଳିକା ଠାରୁ ଜନ୍ମିତ ଶିଶୁ ଏକ ବର୍ଷ ହେବା ଏକ ୨୦-ବର୍ଷିଆ ମାଆର ଶିଶୁ ଠାରୁ ମୃତ୍ୟୁ ସମ୍ଭାବନା ଅଧିକ ଥାଏ। ଏକ ବାଳିକା, ସଦ୍ୟ ଯୁବତୀ ହେବା ଯୋଗୁଁ ତାର ଶିଶୁର ଦାୟିତ୍ୱ ନେବାରେ ଜ୍ଞାନ ନଥାଏ। ଉଦାହରଣ ସ୍ୱରୂପ କେତେ ପରିମାଣର ସ୍ତନ୍ୟପାନ ଶିଶୁକୁ କରାଯିବ, ସେ ଜାଣି ନଥାଏ। ଏଥିଯୋଗୁଁ ଶିଶୁଟିର ଓଜନ ହ୍ରାସ ପାଏ ଏବଂ ଶିଶୁଟିର ମଧ୍ୟ ଅନ୍ୟାନ୍ୟ ଶାରୀରିକ ଅସୁସ୍ଥତା ସୃଷ୍ଟି ହୋଇଥାଏ।

## (ଚ) ବାଲ୍ୟ ବିବାହ ଜନସଂଖ୍ୟା ଉପରେ କଣ ପ୍ରଭାବ ?

ଯୁବତୀ ମାଆ ଓ ନୂଆ ଜନ୍ମ ଗ୍ରହଣ କରିଥିବା ଶିଶୁମାନଙ୍କର ମୃତ୍ୟୁ ଯୋଗୁଁ ସମୁଦାୟରେ ମହିଳାମାନଙ୍କର ସଂଖ୍ୟା ପୁରୁଷମାନଙ୍କ ଠାରୁ କମ୍। ପ୍ରଥମ ଅବସ୍ଥାରେ ବାଲ୍ୟ ବିବାହ ଯୋଗୁଁ ଉଚ୍ଚ ରକ୍ତଚାପ, ଛୁଆ ଜନ୍ମବେଳେ ବିଳମ୍ବ କିମ୍ବା ବାଧାପ୍ରାପ୍ତ ପ୍ରସବ କଷ୍ଟ ଏବଂ ଅନ୍ୟାନ୍ୟ ସ୍ୱାସ୍ଥ୍ୟଗତ ଅସୁବିଧା ଦେଖା ଦେଇଥାଏ। ଏହା ମଧ୍ୟ ଭବିଷ୍ୟତରେ ଅସୁସ୍ଥ ଶିଶୁ ଜନ୍ମ ଦେବାରେ ବ୍ୟବସ୍ଥା କରାଏ।

# ଦାରିଦ୍ର୍ୟ

## (୧) ବାଲ୍ୟବିବାହର ଏକ ମୁଖ୍ୟ କାରଣ ଓ ପରିଣାମ ହେଉଛି ଦାରିଦ୍ର୍ୟ

ବାଳିକାମାନେ ବେଶୀ ଶିକ୍ଷିତ ନୁହଁନ୍ତି ଏବଂ ସେମାନଙ୍କର ସ୍ୱାମୀ ଓ ପିଲାମାନଙ୍କ ନିମନ୍ତେ ଅଧିକ ଦାୟିତ୍ୱ ଥାଏ। ଯେହେତୁ ଗୃହ ସ୍ୱାମୀ ଏକ ମାତ୍ର ରୋଜଗାରକ୍ଷମ ବ୍ୟକ୍ତି, ପରିବାରର ଆର୍ଥିକ ଅନାଟନର ସମ୍ଭାବନା ଅଧିକ। ଏକ ବାଳିକାର ନିଜେ ବଞ୍ଚିବା ନିମନ୍ତେ ରୋଜଗାର କରିବାର ସମ୍ଭାବନା ବହୁତ କମ୍।

## (୨) ପୁରୁଷ ପ୍ରାଧାନ୍ୟକୁ ଓ ଲିଙ୍ଗ ଭେଦ ପରି କୁକର୍ମକୁ ମହଜୁତ କରିବା

ବାଲ୍ୟ ବିବାହ ପ୍ରଥା ଯୋଗୁଁ ଏକ ମହିଳାର ସମାଜରେ ସ୍ଥିତି ଦୁର୍ବଳ ହେବା ଯୋଗୁଁ ପୁରୁଷ ପ୍ରାଧାନ୍ୟ ଓ ଲିଂଗ ଭେଦକୁ ଉତ୍ସାହିତ କରିଥାଏ। ଯେହେତୁ ବାଲ୍ୟ ବିବାହ ବେଆଇନ, ପିତାମାତା ଏହି ବିବାହକୁ ପଞ୍ଜିକୃତ କରିନଥାନ୍ତି। ଯେଉଁଥି ପାଇଁ କି ସ୍ୱାମୀ ଠାରୁ ଭରଣପୋଷଣ ଭଳି ଆଇନତଃ ଅଧିକାର ବାଳିକାଟି ଉପଭୋଗ କରିପାରି ନଥାଏ।

### (କ) ବହୁ ବିବାହ ଓ ଯୁବା ବିଧବା

ସାଧାରଣତଃ ବାଳିକାମାନେ ସେମାନଙ୍କ ଠାରୁ ବୟସ୍କ ବ୍ୟକ୍ତିଙ୍କୁ ବିବାହ କରିଥାନ୍ତି। ତେଣୁ ବାଳିକା ନିଜକୁ ଶକ୍ତ କରି ସ୍ୱାମୀର ଅନ୍ୟ ବାଳିକା /ମହିଳାଙ୍କୁ ବିବାହକୁ ବିରୋଧ କରିବା ଅବସ୍ଥାରେ ନଥାନ୍ତି।

- କମ୍ ବୟସରେ ଏକ କନ୍ୟା ବିଧବା ହେବା ଦ୍ୱାରା ସନ୍ତାନମାନଙ୍କର ଲାଳନପାଳନ ବହନ କରିଥାଏ। ବଞ୍ଚି ରହିବା ପାଇଁ ଅର୍ଥର ଆବଶ୍ୟକତା ଦୃଷ୍ଟିରୁ କେତେକ କ୍ଷେତ୍ରରେ ସେ ବେଶ୍ୟା ବୃତ୍ତିକୁ ଆପଣାଇବା ପାଇଁ ବାଧ୍ୟ ହୋଇଥାଏ।


### (ଖ) ଶାରୀରିକ ଓ ଯୌନ ଶୋଷଣରୁ ବିପଦ

ବୟସ୍କ ସ୍ୱାମୀ ନିକଟରେ ଏକ କମ୍ ବୟସ୍କ କନ୍ୟା ଶକ୍ତିହୀନ ହୋଇଥିବାରୁ, ସ୍ୱାମୀ ସ୍ତ୍ରୀ ସଂପର୍କକୁ ସ୍ୱାମୀ ନିୟନ୍ତ୍ରଣ କରିଥାଏ ଓ ଘରୋଇ ହିଂସାର ମାତ୍ରା ଅଧିକ ହୋଇଥାଏ। ସ୍ତ୍ରୀ ଟି ନିଜ ଇଚ୍ଛା ବିରୁଦ୍ଧରେ ଅସୁରକ୍ଷିତ ଯୌନ ଶୋଷଣର ଶିକାର ହୋଇଥାଏ। ଭାରତ ବର୍ଷରେ ଦୁର୍ଭାଗ୍ୟବଶତଃ ୧୫ ବର୍ଷ ପରେ ବୈବାହିକ ଦୁଷ୍କର୍ମକୁ ପରିଗଣିତ କରାଯାଇ ନଥାଏ।

## (୩) ଲିଙ୍ଗଗତ ବିଭାଜନ ତଥା ହିଂସା ବୃଦ୍ଧି ଓ ଯୌନ ଶୋଷଣ

ବୈବାହିକ ସଂପର୍କରେ କନ୍ୟାଟିର କୌଣସି ମତ ରହୁ ନଥିବାରୁ ଶୋଷଣ ଓ ହିଂସାର ଶିକାର ହୋଇଥାଏ। ପରିବାର ସଦସ୍ୟମାନଙ୍କ ସହ ସାକ୍ଷାତ କରିବାକୁ ବାରଣ କରାଯାଇଥାଏ। ସର୍ବେକ୍ଷଣରୁ ଜଣାଯାଏ ଭାରତରେ ୧୮ ବର୍ଷ ପୂର୍ବରୁ ବିବାହ କରିଥିବା ମହିଳା ୧୮ ବର୍ଷ ପରେ ବିବାହ କରିଥିବା ମହିଳାଙ୍କ ଠାରୁ ଅଧିକ ଘରୋଇ ହିଂସାର ଶିକାର ହୋଇଥାଆନ୍ତି।

## (୪) ଜନସଂଖ୍ୟା ବୃଦ୍ଧି



ବାଲ୍ୟ ବିବାହ ପାଇଁ ଜନସଂଖ୍ୟା ବୃଦ୍ଧି ହୋଇଥାଏ। ଦାରିଦ୍ର୍ୟ ଦୂରୀକରଣ, ଲିଙ୍ଗଗତ ଅସମାନତା ତଥା ସ୍ୱାସ୍ଥ୍ୟ ବୃଦ୍ଧି ନିମନ୍ତେ ସରକାରୀ ଚେଷ୍ଟା ବହୁଳ ବାଲ୍ୟ ବିବାହ ପାଇଁ ବିଫଳ ହୋଇଥାଏ। ତେଣୁ ଏହା ସ୍ପଷ୍ଟ ଯେ କେବଳ ବାଲ୍ୟ ବିବାହ ସହ ସଂପୃକ୍ତ ଶିଶୁମାନଙ୍କ ପାଇଁ କ୍ଷତିକାରକ ନୁହେଁ ଏହା ସମଗ୍ର ସମାଜ ପାଇଁ କ୍ଷତିକାରକ ହୋଇଥାଏ।

## ୫. ଆଇନର ଦିଗ

ସରକାର ବାଲ୍ୟ ବିବାହ ପରି ସାମାଜିକ କଳଙ୍କକୁ ଦୂର କରିବାକୁ ବହୁ ପୂର୍ବରୁ ଚେଷ୍ଟା କରିଛନ୍ତି। ବାଲ୍ୟ ବିବାହ ବିପକ୍ଷରେ ପ୍ରଥମେ ୧୯୨୯ ମସିହାରେ ଆଇନ ପ୍ରଣୀତ ହୋଇଥିଲା। ୨୦୦୬ ମସିହାରେ ଆଇନଗତ ସଂସ୍କରଣ ହୋଇଥିଲା ଯେହେତୁ ପୂର୍ବ ଆଇନ ବାଲ୍ୟ ବିବାହ ସଂପ୍ରତି ସ୍ୱୀୟବିଧି, ବାଲ୍ୟ ବିବାହ ନିରୋଧ ଆଇନ, ୨୦୦୬ ଏବଂ ଅଦାଲତ ରାୟ ଆଦି ବାଲ୍ୟ ବିବାହର ଆଇନଗତ ବାଧା ସୃଷ୍ଟି କରିଛି।

ସାଧାରଣତଃ ବାଲ୍ୟ ବିବାହରେ ଶିଶୁଟିଏ ବିବାହରେ ଭାଗିଦାର ହୋଇଥାଏ। ୨୦୦୬ ଆଇନ ଅନୁଯାୟୀ ପୁଅଟିକୁ ୨୧ ବର୍ଷରୁ କମ୍ ଓ ଝିଅଟିକୁ ୧୮ ବର୍ଷରୁ କମ୍ ହୋଇଥିଲେ ବିବାହ ଉଭୟପକ୍ଷରୁ ରଦ୍ଦ କରାଯାଇପାରେ। ଏହା ଦୁଇ ବର୍ଷ ଭିତରେ ହୋଇପାରିବ ଯେତେବେଳେ କନ୍ୟାଟି ୧୮ ବର୍ଷ ଓ ପୁଅଟି ୨୧ ବର୍ଷ ହେବ।

ବାଲ୍ୟ ବିବାହ ଅପରାଧରେ ପୋଲିସ ଦୋଷୀକୁ ଗିରଫ କରିବା ପାଇଁ ଗିରଫ ପରୱାନା ଦରକାର ହୁଏ ନାହିଁ। ଆଇନରେ ଏହି ଅପରାଧ ଜାମିନ ବିହୀନ ହୋଇଥାଏ, ଯେହେତୁ ଏଥିରେ ଜାମିନ ମିଳିବା ଏକ ଅଧିକାର ଭାବେ ବିବେଚନା କରାଯାଏ ନାହିଁ। ବାଲ୍ୟ ବିବାହରେ ସଂପୃକ୍ତ ବ୍ୟକ୍ତିବିଶେଷ ପାଇଁ ଆଇନରେ ଭିନ୍ନ ଭିନ୍ନ ଦଣ୍ଡ ବିଧାନ କରାଯାଇଛି। ଧର୍ମ ନିର୍ବିଶେଷରେ ଏହି ଆଇନ ସମସ୍ତଙ୍କ ପାଇଁ ପ୍ରଜ୍ୟୁଯ୍ୟ ହୋଇଥାଏ। ବାଲ୍ୟ ବିବାହରୁ ଜନ୍ମିତ ଶିଶୁ ବୈଧ ସନ୍ତାନ ଭାବେ ପରିଗଣିତ ହୋଇଥାଏ।

## ୬. ବାଲ୍ୟ ବିବାହରେ ବର ପାଇଁ ପ୍ରଣୀତ ଦଣ୍ଡ କଣ ହୋଇପାରେ ?

ଯଦି ୧୮ ବର୍ଷ ରୁ ଉର୍ଦ୍ଧ୍ୱ ପୁରୁଷଟି ୧୮ ବର୍ଷରୁ କମ୍ କନ୍ୟାକୁ ବିବାହ କରେ ତାକୁ ଦୁଇ ବର୍ଷ ପାଇଁ ଜେଲ ଦଣ୍ଡ ବା ଏକ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଜୋରିମାନା ଅଥବା ଦୁଇଟିଯାକ ଦଣ୍ଡ ହୋଇପାରେ।

## ୭. ବାଲ୍ୟ ବିବାହରେ ପୂଜକଙ୍କୁ କି ଦଣ୍ଡ ବିଧାନ କରାଯାଏ ?

ବାଲ୍ୟ ବିବାହ ନିର୍ବାହ କରିବା ମଧ୍ୟ ଏକ ଅପରାଧ। ଯେଉଁ ବ୍ୟକ୍ତି ବାଲ୍ୟବିବାହ ନିର୍ବାହ ବା ସହଯୋଗ କରିଥାନ୍ତି, ତାଙ୍କୁ ଦୁଇ ବର୍ଷ ଏବଂ ଏକ ଲକ୍ଷ ଟଙ୍କା ଜୋରିମାନା ହୋଇପାରେ। ପୂଜକ ଦଣ୍ଡକୁ ଏଡ଼ାଇବା ପାଇଁ ଅଦାଲତରେ ବାଲ୍ୟ ବିବାହ ସଂପର୍କରେ ନିଜର ଅଜ୍ଞତାକୁ ପ୍ରମାଣ କରିବାକୁ ପଡ଼ିବ। ଦେଶର ବହୁ ଉଚ୍ଚ ନ୍ୟାୟାଳୟରେ ଦୁଇପକ୍ଷଙ୍କ ବୟସ ସଂପର୍କରେ ପୂଜକ ଜଣାଇବା ବିଷୟ ତଦନ୍ତ କରାଯାଇଥାଏ।

## ୮. ଶିଶୁର ପିତା ଓ ଅଭିଭାବକଙ୍କ ପାଇଁ କି ଦଣ୍ଡବିଧାନ କରାଯାଇଛି ?

ଆଇନରେ ପ୍ରଣୀତ ବୟସରୁ କମ୍ ପୁଅ ବା କନ୍ୟାଙ୍କୁ ତାଙ୍କ ଦାୟିତ୍ୱରେ ଥିବା ବ୍ୟକ୍ତି ଓ ପିତାମାତା ବିବାହ କରାଇଲେ ଦଣ୍ଡିତ ହୋଇଥାଆନ୍ତି। ଏଥିପାଇଁ ଦୁଇ ବର୍ଷ ଜେଲ ଦଣ୍ଡ ଏବଂ ଏକ ଲକ୍ଷ ଟଙ୍କା ଜୋରିମାନାରେ ଦଣ୍ଡିତ ହୋଇଥାଆନ୍ତି। ଆଇନ ଅନୁଯାୟୀ ସେ ବ୍ୟକ୍ତି ଶିଶୁଟିର ଯତ୍ନ ନେବା ଅପରିହାର୍ଯ୍ୟ ହୋଇନଥାଏ। ଏପରିକି ବ୍ୟକ୍ତି ଶିଶୁର ଅନୈତିକ ତତ୍ତ୍ୱାବଧାନ ଥିଲେ ମଧ୍ୟ ଆଇନ ଅନୁଯାୟୀ ପୁଅ ବା କନ୍ୟାର ବିବାହ କମ୍ ବୟସରେ କଲେ ଦଣ୍ଡିତ ହୋଇଥାଆନ୍ତି। ଏହି ପରିପ୍ରେକ୍ଷୀରେ ମା' ଜେଲ ଦଣ୍ଡ ନ ଭୋଗି ଜୋରିମାନା ଦେଇଥାଆନ୍ତି। ଅନ୍ୟ ପ୍ରମୁଖ ପରିବାର ସଦସ୍ୟ ଯେ ବାଲ୍ୟ ବିବାହ ଆୟୋଜନରେ ସାହାଯ୍ୟ କରିଥାଆନ୍ତି ତାଙ୍କ କାର୍ଯ୍ୟ ପାଇଁ ସେ ଦଣ୍ଡିତ ହୋଇଥାଆନ୍ତି।

## ୯. ବାଲ୍ୟ ବିବାହରେ ଅତିଥିମାନଙ୍କୁ ଅପରାଧି ବୋଲି ବିଚାର କରାଯାଏ କି ? ସେମାନେ ଦଣ୍ଡ ପରିସର ଭୁକ୍ତ ହେବେ କି ?

ହଁ, ଜଣେ ଅତିଥି ଯଦି ବାଲ୍ୟ ବିବାହ ନିବାରଣ ପାଇଁ ଚେଷ୍ଟା କରିନାହାଁନ୍ତି, ତେବେ ସେ ଅପରାଧର ପରିସରଭୁକ୍ତ ହୁଅନ୍ତି। ଆଇନ ଅନୁଯାୟୀ ଅପରାଧଟି ଦଣ୍ଡନୀୟ। ତାଙ୍କୁ ସର୍ବାଧିକ ୦୨ ବର୍ଷ ପାଇଁ ଜେଲ୍ ଦଣ୍ଡ ଏବଂ ୦୧ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଜୋରିମାନା ପ୍ରଦାନ ନିମନ୍ତେ ଆଦେଶ ହୋଇପାରେ। ଏହି ପରିସ୍ଥିତିରେ କୌଣସି ମହିଳା ଅତିଥି ଜେଲ ଦଣ୍ଡ ପରିସରଭୁକ୍ତ ନହୋଇ ଜୋରିମାନା ପ୍ରଦାନ କରିବେ।

## ୧୦. ଯଦି କୌଣସି ସଂଗଠନର ସଭ୍ୟ/ସଭ୍ୟା ବାଲ୍ୟ ବିବାହକୁ ପ୍ରୋତ୍ସାହନ ପ୍ରଦାନ କରନ୍ତି, ସେ ଦଣ୍ଡିତ ହେବେ କି ?

ହଁ, ଯଦି କୌଣସି ସଂଗଠନର ସଭ୍ୟ ଆଇନ ଅନୁଯାୟୀ ନିର୍ଦ୍ଧାରିତ ବୟସ ପୂର୍ବରୁ ବିବାହକୁ ଉତ୍ସାହିତ କରିବାର ଦେଖାଯାଏ ତେବେ ସେହି ବ୍ୟକ୍ତି ସର୍ବାଧିକ ୦୨ ବର୍ଷ ପାଇଁ ଜେଲ୍ ଦଣ୍ଡ ଏବଂ ୦୧ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଜୋରିମାନା ଦେବାକୁ ବାଧ୍ୟ ହେବ। ଋଣଦାତା ଏବଂ ଜମିଦାର ଯିଏ ବାଲ୍ୟ ବିବାହ ନିମନ୍ତେ ଶିଶୁର ଅଭିଭାବକଙ୍କୁ ଅଗ୍ରୀମ ଟଙ୍କା ପ୍ରଦାନ କରିଥାଆନ୍ତି ଏହାର ଅନ୍ତର୍ଭୁକ୍ତ ହୋଇଥାଆନ୍ତି।

କୌଣସି ବ୍ୟକ୍ତିଙ୍କ ଜ୍ଞାତସାରରେ ବାଲ୍ୟ ବିବାହ ହୋଇଥିଲେ ବା ହେବାକୁ ଯାଉଥିଲେ ଅଥବା ହେବାକୁ ଥିଲେ ସେ ଅଧିକାରୀଙ୍କୁ ଜଣାଇବା ଦରକାର। ସେ ଜଣେ ପଡ଼ୋଶୀ ମଧ୍ୟ ହୋଇପାରନ୍ତି, ସେ ଏପରି ନକଲେ, ସେମାନେ ବିବାହକୁ ପ୍ରୋତ୍ସାହନ ଦେଇ ଏ ସଂପର୍କରେ ନ ଜଣାଇବା ଆଇନ ଅନୁଯାୟୀ ଅପରାଧ ହୋଇଥାଏ। ଉପରୋକ୍ତ ଅପରାଧ ପାଇଁ ଦଣ୍ଡଟି ସମାନ ଅଟେ ଯେପରିକି ସର୍ବାଧିକ ୦୨ ବର୍ଷ ପର୍ଯ୍ୟନ୍ତ ଜେଲ ଦଣ୍ଡ ଓ ୦୧ ଲକ୍ଷ ଟଙ୍କାର ଜୋରିମାନା ହୋଇଥାଏ।




## ୧୧. କିଏ ଅଭିଯୋଗ ଦରଜ କରିପାରିବେ ?

ଯେ କୌଣସି ବ୍ୟକ୍ତି ପାଖରେ ବାଲ୍ୟ ବିବାହ ସଂପର୍କରେ ଯୁକ୍ତିଯୁକ୍ତ ତଥ୍ୟ ଥିଲେ ସେ ଅଭିଯୋଗ କରିପାରିବେ। ନିମ୍ନୋକ୍ତ ବ୍ୟକ୍ତିମାନେ ଅଭିଯୋଗ ଦରଜ କରିପାରିବେ।

୧. ବାଲ୍ୟ ବିବାହ ସଂଗଠିତ ହେବାକୁ ଥିବା ତଥ୍ୟ ଯେଉଁ ବ୍ୟକ୍ତିଙ୍କ ନିକଟରେ ଥିବ

୨. ପିତାମାତା, ଅଭିଭାବକ, ପଡ଼ୋଶୀ ବା ପରିବାରର ଅନ୍ୟାନ୍ୟ ସଦସ୍ୟ କିମ୍ବା ଶିଶୁର ଶୁଭେଚ୍ଛୁ

୩. ସ୍କୁଲ ଶିକ୍ଷକ, ଏ.ଏନ୍.ଏମ୍, ଅଙ୍ଗନୱାଡ଼ି କର୍ମୀ ଏବଂ ସ୍ୱୟଂ ସହାୟକ ଗୋଷ୍ଠୀ ସଦସ୍ୟମାନେ

୪. ବାଲ୍ୟ ବିବାହ ସଂପର୍କରେ ଜାଣିଥିବା ଯେକୌଣସି ବେସରକାରୀ ସଂସ୍ଥା

ଯଦି କୌଣସି ବ୍ୟକ୍ତି ନିଜେ ଅଭିଯୋଗ ଦରଜ କରିବା ପାଇଁ ଚାହୁଁ ନଥିବେ ସେ ନିମ୍ନୋକ୍ତ କର୍ତ୍ତୃପକ୍ଷଙ୍କୁ ବାଲ୍ୟ ବିବାହ ସଂପର୍କରେ ଜଣାଇ ପାରିବେ।

ପୋଲିସ୍

ବାଲ୍ୟ ବିବାହ ନିରୋଧ ଅଧିକାରୀ

ପ୍ରଥମ ଶ୍ରେଣୀ ବିଚାର ବିଭାଗୀୟ ମାଜିଷ୍ଟ୍ରେଟ୍

ଶିଶୁ ସୁରକ୍ଷା ସମିତ ସଦସ୍ୟ

ଜିଲ୍ଲା ମାଜିଷ୍ଟ୍ରେଟ୍ /ଦଣ୍ଡାଧିକାରୀ

## ୧୨. ଆପଣ କେବେ ଅଭିଯୋଗ ଦରଜ କରିପାରିବେ ?

ଅଭିଯୋଗ କରିପାରିବେ:

(୧) ଯେ କୌଣସି ସମୟରେ, ବାଲ୍ୟ ବିବାହ ପୂର୍ବରୁ, ବାଲ୍ୟ ବିବାହ ସମୟରେ ବା ବାଲ୍ୟ ବିବାହ ପରେ

(୨) ଯେ କୌଣସି ସମୟରେ, ଅଭିଯୋଗକାରୀ ଯେତେବେଳେ ବାଲ୍ୟ ବିବାହ ହେବାକୁ ଥିବା ଜାଣିବେ

## ୧୩. କେଉଁଠାରେ ଅଭିଯୋଗ ଦେଇ ପାରିବେ ?

ନିକଟସ୍ଥ ପୋଲିସ ଷ୍ଟେସନରେ ଅଭିଯୋଗ କରିପାରିବେ । ପ୍ରଥମ ଶ୍ରେଣୀ ବିଚାର ବିଭାଗୀୟ ମାଜିଷ୍ଟ୍ରେଟ, ମହାନଗର ମାଜିଷ୍ଟ୍ରେଟ, ଚାଇଲ୍ଡ ଲାଇନ୍, ଶିଶୁ ସୁରକ୍ଷା ସମିତି, ପୋଲିସ ବା ଜିଲ୍ଲା ମାଜିଷ୍ଟ୍ରେଟଙ୍କ ନିକଟରେ ଅଭିଯୋଗ କରିପାରିବେ ।

## ୧୪. କିପରି ଅଭିଯୋଗ କରିପାରିବେ ?

ଅଭିଯୋଗକାରୀ ମୌଖିକ କିମ୍ବା ଲିଖିତ ଅଭିଯୋଗ କରିପାରିବେ । ଫୋନ୍ ମାଧ୍ୟମରେ, ଚିଠି କିମ୍ବା ଦୂରଭାଷ, ଟେଲିଗ୍ରାମ୍, ଇ-ମେଲ୍, ଫ୍ୟାକ୍ସ କିମ୍ବା ଏକ ଛୋଟ ଖଣ୍ଡେ କାଗଜରେ ଟିପ୍ପଣୀ ମାଧ୍ୟମରେ ଅଭିଯୋଗ କରିପାରିବେ ।

## ୧୫. ବାଲ୍ୟ ବିବାହର ଆଇନଗତ ସ୍ଥିତି କଣ ?

ବାଲ୍ୟ ବିବାହ ସମୟରେ ବିବାହ କରୁଥିବା ଶିଶୁର ପସନ୍ଦ ଥିଲେ ମଧ୍ୟ ବାଲ୍ୟ ବିବାହ ଅସିଦ୍ଧ ହୋଇଥାଏ । ଏହାର ଅର୍ଥ ଏହି ବାଲ୍ୟ ବିବାହକୁ ବାତିଲ କରିବା ପାଇଁ ଯେକୌଣସି ସମୟରେ ଆବେଦନ କରାଯାଇ ପାରିବ । କିନ୍ତୁ ପୀଡ଼ିତ / ପୀଡ଼ିତା ଝିଅ ହୋଇଥିଲେ ୨୦ ବର୍ଷରୁ ଅଧିକ ଏବଂ ପୁଅ ହୋଇଥିଲେ ୨୩ ବର୍ଷରୁ ଅଧିକ ହୋଇ ନ ଥିବ ଯଦି ନାବାଳିକା/ ନାବାଳକ ଆଇନଗତ ଅଭିଭାବକଙ୍କ ଠାରୁ ବଳପୂର୍ବକ ନିଆ ଯାଇଥିବେ ବା ଛଳନାପୂର୍ଣ୍ଣ ଭାବେ ସ୍ଥାନାନ୍ତରିତ ହୋଇଥିବେ ବାଲ୍ୟ ବିବାହ ନିମନ୍ତେ ବିକ୍ରୟ ହୋଇଥିବେ ସେହିପରି ବିବାହ ବାତିଲ ଓ ଅସିଦ୍ଧ ହୋଇଥାଏ ।

## ୧୬. ବାଲ୍ୟ ବିବାହ ନିରୋଧ ଅଧିକାରୀ କିଏ ହେବେ ?

ରାଜ୍ୟ ସରକାରଙ୍କ ଦ୍ୱାରା ବ୍ଲକ ସ୍ତରରେ, ଜିଲ୍ଲା ସ୍ତରରେ ଏବଂ ତାଲୁକା ସ୍ତରରେ ବାଲ୍ୟ ବିବାହ ନିରୋଧ ଅଧିକାରୀ (ଯେ କି ଜଣେ ଲୋକ ସେବକ) ନିଯୁକ୍ତି ହୋଇଥାନ୍ତି ଯାହାଙ୍କର ନିର୍ଦ୍ଧାରିତ କ୍ଷମତା ଅନୁଯାୟୀ ବିଧିବଦ୍ଧ ଭାବେ ବାଲ୍ୟ ବିବାହକୁ ରଦ୍ଦ କରିବା ପ୍ରାଥମିକ ଦାୟିତ୍ୱ ହୋଇଥାଏ ।

## ୧୭. ବାଲ୍ୟ ବିବାହ ନିରୋଧ ଆଇନ ଅଧିକାରୀଙ୍କ କି ଭୂମିକା ଓ ଦାୟିତ୍ୱ ହୋଇଥାଏ ?

ବାଲ୍ୟ ବିବାହ ନିରୋଧ ଅଧିକାରୀ ବିଧିବଦ୍ଧ ଭାବେ ବାଲ୍ୟ ବିବାହକୁ ନିବାରଣ କରିବା, ବ୍ୟକ୍ତିବିଶେଷଙ୍କ ବିରୁଦ୍ଧରେ ପ୍ରମାଣ ସଂଗ୍ରହ କରି ମକଦ୍ଦମା ରୁଜୁ କରିବା ଏବଂ ବାଲ୍ୟ ବିବାହକୁ ପ୍ରୋତ୍ସାହିତ କରୁଥିବା କୌଣସି କାର୍ଯ୍ୟରେ ନିଜକୁ ସାମିଲ୍ ନ ହେବାକୁ ପକ୍ଷମାନଙ୍କୁ ଉପଦେଶ ଦେଇଥାନ୍ତି ।

ସେ ବାଲ୍ୟ ବିବାହର କୁଫଳ ବିଷୟରେ ସଚେତନତା ସୃଷ୍ଟି କରିବା ଓ ସମାଜରେ ବାଲ୍ୟ ବିବାହ ବିରୁଦ୍ଧରେ ବିଶଦ ଭାବରେ ଅବଗତ କରାଇବା ।

## ୧୮. ବାଲ୍ୟ ବିବାହ ନିବାରଣ କରିବା ପାଇଁ ବାଲ୍ୟ ବିବାହ ନିରୋଧ ଅଧିକାରୀ କଣ କରିବେ ?

ବାଲ୍ୟ ବିବାହ ନିରୋଧ ଅଧିକାରୀ ଯେ କି ଜଣେ ଲୋକ ସେବକ ପୋଲିସ ଅଧିକାରୀଙ୍କ କ୍ଷମତା ଥାଇ ସେ ବିଧିବଦ୍ଧ ଭାବେ ବାଲ୍ୟ ବିବାହକୁ ନିରୋଧ କରିବା ନିମନ୍ତେ ଯେକୌଣସି ପଦକ୍ଷେପ ନେଇପାରନ୍ତି। ବାଲ୍ୟ ବିବାହ ନିରୋଧ ପାଇଁ ମାଜିଷ୍ଟ୍ରେଟଙ୍କ ପାଖରେ ନିଷେଧାଦେଶ ପାଇଁ ଆବେଦନ କରିପାରନ୍ତି। ସେ ପୋଲିସ୍, ଶିଶୁ ସୁରକ୍ଷା ସମିତି ବା ଗ୍ରାମର ସମ୍ମାନନୀୟ ବ୍ୟକ୍ତି ଅଥବା ସ୍ଥାନୀୟ ଓ ବେସରକାରୀ ସଂସ୍ଥାର ସହାୟତା ନେଇ ବାଲ୍ୟ ବିବାହ ରଦ୍ଦ କରିପାରିବେ। ସେ ପୀଡ଼ିତା ନାବାଳିକାର ସୁରକ୍ଷା ଏବଂ ନାବାଳିକାର ପ୍ରତିପୋଷଣ ନିମନ୍ତେ ଉପଯୁକ୍ତ ଆଦେଶ ପାଇଁ ମାନ୍ୟବର ଅଦାଲତଙ୍କ ନିକଟରେ ଆବେଦନ କରିପାରନ୍ତି।

## ୧୯. ଅଦାଲତରୁ କି ପ୍ରକାର ଉପଶମ ପ୍ରାପ୍ତ ହୋଇଥାଏ ?

ବାଲ୍ୟ ବିବାହ ନିବାରଣ ନିମନ୍ତେ ଅଦାଲତଙ୍କର ଆଶୁ ଉପଶମ ହେଲା ଅଦାଲତ ନିଷେଧାଦେଶ। ଶିଶୁ ବିବାହ ନିବାରଣ ଅଧିକାରୀଙ୍କ ଆବେଦନ ବା ବିନା ଆବେଦନରେ ଅଦାଲତ ରାୟ ପ୍ରଦାନ କରିପାରନ୍ତି। ଅନ୍ତରୀଣ ଭରଣପୋଷଣ, ପ୍ରତିପୋଷଣ ଓ ବାଲ୍ୟ ବିବାହରୁ ଜନ୍ମିତ ସନ୍ତାନର ସୁରକ୍ଷା ପାଇଁ ଅଦାଲତ ରାୟ ପ୍ରଦାନ କରି ପାରନ୍ତି। ମୁଖ୍ୟତଃ ବାଲ୍ୟ ବିବାହକୁ ଅସିଦ୍ଧ ଘୋଷଣା କରିବାର କ୍ଷମତା ଅଦାଲତଙ୍କୁ ପ୍ରଦାନ କରାଯାଇଛି।

## ୨୦. ମୋର ଓକିଲ ନାହାଁନ୍ତି କିନ୍ତୁ ବାଲ୍ୟ ବିବାହ ନିରୋଧ ଆଇନ, ୨୦୦୬ ର ସୁବିଧା ପ୍ରାପ୍ତ ନିମନ୍ତେ ଇଚ୍ଛୁକ। ଏହା ସମ୍ଭବ କି ?

ହଁ, ଏହା ସମ୍ଭବ। କର୍ଣ୍ଣାଟକ ରାଜ୍ୟ ଆଇନ ପ୍ରାଧିକରଣ ଠାରୁ ନିଷେଧାଦେଶ ପାଇବା ନିମନ୍ତେ ବାଲ୍ୟ ବିବାହ ନିରୋଧ ଅଧିକାରୀ ନିଷେଧାଦେଶ, ଭରଣପୋଷଣ ନିମନ୍ତେ ଆଦେଶ ତଥା ସୁରକ୍ଷା ଆଦେଶ ଓ ବାଲ୍ୟ ବିବାହ ନିରୋଧ ଆଇନ କାର୍ଯ୍ୟକାରୀ କରିବା ନିମନ୍ତେ ଆଇନ ସେବା ପ୍ରଦାନ ପାଇଁ ସୁନିଶ୍ଚିତ କରନ୍ତି।

## ୨୧. ବାଲ୍ୟ ବିବାହ ନିବାରଣରେ ପୋଲିସଙ୍କର କି ଭୂମିକା ରହିଛି ?

ପୋଲିସ୍ ବାଲ୍ୟ ବିବାହ ନିର୍ବାହରେ ସଂପୃକ୍ତ ବ୍ୟକ୍ତିମାନଙ୍କୁ ଗିରଫ କରି ବାଲ୍ୟ ବିବାହ ନିରୋଧ ଅଧିକାରୀଙ୍କୁ ସହାୟତା କରିଥାଆନ୍ତି। ବାଲ୍ୟ ବିବାହ ନିରୋଧ ଅଧିକାରୀ ପୋଲିସ ଅଧିକାରୀଙ୍କ ପରି କ୍ଷମତା ଥାଇ ବାଲ୍ୟ ବିବାହ ନିର୍ବାହରେ ସଂପୃକ୍ତ ବ୍ୟକ୍ତି ବିରୁଦ୍ଧରେ ମକଦ୍ଦମା ନିମନ୍ତେ ପ୍ରମାଣ ସଂଗ୍ରହ କରିଥାଆନ୍ତି।

## ୨୨. ବାଲ୍ୟ ବିବାହ ନିବାରଣ ଅଧିକାରୀଙ୍କୁ ଜନସାଧାରଣ ସହଯୋଗ କରିବା ଉଚିତ୍ କି? ଅସହଯୋଗର କି ପରିଣାମ ହୋଇଥାଏ ?

ରାଜ୍ୟ ସରକାର ଜଣେ ସ୍ଥାନୀୟ ସମ୍ମାନନୀୟ ସମାଜସେବୀ ବା ଗ୍ରାମ ପଞ୍ଚାୟତ କିମ୍ବା ପୌରପାଳିକା ଅଧିକାରୀ ଅଥବା ସରକାରୀ ଅଧିକାରୀ କିମ୍ବା ସରକାରୀ ଶିଳ୍ପ ଉଦ୍ୟୋଗରେ କାର୍ଯ୍ୟ କରୁଥିବା ବ୍ୟକ୍ତି କିମ୍ବା ବେସରକାରୀ ସଂସ୍ଥାରେ କାର୍ଯ୍ୟରତ ପଦାଧାରୀଙ୍କୁ ବାଲ୍ୟ ବିବାହ ନିରୋଧ ଅଧିକାରୀଙ୍କୁ ସହଯୋଗ କରିବାକୁ ଅନୁରୋଧ କରିପାରନ୍ତି। ବାଲ୍ୟ ବିବାହ ନିରୋଧ ଅଧିକାରୀ ଜଣେ ସରକାରୀ କର୍ମଚାରୀ ଏବଂ କୌଣସି ବ୍ୟକ୍ତି ତାଙ୍କର କର୍ତ୍ତବ୍ୟ ନିର୍ବାହରେ ହସ୍ତକ୍ଷେପ ବା ବାଧା ଦେବା ଉଚିତ୍ ନୁହେଁ। ବାଲ୍ୟ ବିବାହ ନିରୋଧ ଅଧିକାରୀଙ୍କ କାର୍ଯ୍ୟ ନିର୍ବାହରେ ପ୍ରତିବନ୍ଧକକୁ ଭାରତୀୟ ପିଙ୍ଗଳ କୋଡ୍ ୧୮୬୦ ଧାରା ୧୮୬ ଅନୁଯାୟୀ ଅପରାଧ ଭାବେ ପରିଗଣିତ ହୁଏ। ଏଥିପାଇଁ ତିନିମାସ ଜେଲ୍ ଦଣ୍ଡ /ଜୋରିମାନା ୫୦୦ ଶତ ଟଙ୍କା ଅଥବା ଏକା ସାଂଗରେ ଦୁଇଟି ଯାକ ଦଣ୍ଡ।